# REGIONAL NEWS UNIT, AIR CUTTACK
## Morning Bulletin (7.05 AM)
### 8 July – 2024
*********************************************

## ରଥଯାତ୍ରା-ରାଷ୍ଟ୍ରପତି

ଆଷାଢ଼ ଶୁକ୍ଳ ଦ୍ୱିତୀୟା ତିଥିରେ ପବିତ୍ର ଘୋଷଯାତ୍ରାରେ ଶ୍ରୀମନ୍ଦିର ସମ୍ମୁଖ ସିଂହଦ୍ୱାରରେ ବିରାଜମାନ ୩ ରଥରେ ରଥାରୂଢ଼ ହୋଇ ଶ୍ରୀଜୀଉମାନେ ନବଦିନାତ୍ମକ ଯାତ୍ରାରେ ଜନ୍ମବେଦୀ ଗୁଣ୍ଡିଚା ଘରକୁ  ଆଜି ଯାତ୍ରା କରିବେ। ଚଳିତବର୍ଷ ଶ୍ରୀମନ୍ଦିରରେ ନବଯୌବନ ଦର୍ଶନ ଓ ନେତ୍ରଉତ୍ସବ ନୀତି ଆଜି ପାଳନ କରାଯାଉଥିବାରୁ ଏହି ବର୍ଷର ରଥଯାତ୍ରା ସ୍ୱତନ୍ତ୍ର ହୋଇଛି । ସକାଳ ୪ଘଣ୍ଟା ୪ମିନିଟ୍‌ରେ ମଙ୍ଗଳ ଆରତୀ ଶେଷ ହେବା ପରେ ମଇଲମ୍, ଅବକାଶ ପୂଜା କରାଯାଇ ଦଶ ଅବତାର ଠାକୁରଙ୍କୁ ବାହୁଡା ବିଜେ କରାଯାଇଛି । ଏହା ପରେ ଡାଟିଫିଟିବା ସହ ଦଇତାପତି ସର୍ବାଙ୍ଗ ଓ ନେତ୍ରୋତ୍ସବ ବନ୍ଦାବନା ନୀତି ସକାଳ ୬ଟା ସୁଦ୍ଧା ଶେଷ ହୋଇଥିଲା । ଶ୍ରୀଜୀଉ ମାନଙ୍କର ଅନ୍ୟାନ୍ୟ ଦୈନନ୍ଦିନ ନୀତି ପରେ ସେନାପଟା ଲାଗି, ରଥ ପ୍ରତିଷ୍ଠା, ମଙ୍ଗଳାର୍ପଣ କରାଯାଇ ଧାଡି ପହଣ୍ଡି ଆରମ୍ଭ ହେବ । ଅପରାହ୍ନ ଗୋଟାଏ ବାଜି ୧୦ମିନିଟ୍‌ରେ ପହଣ୍ଡି ଏବଂ ପରେ ଗଜପତି ମହାରାଜଙ୍କ ଦ୍ୱାରା ଅପରାହ୍ନ ୪ଟାରେ ଛେରାପହଁରା ନୀତି ସମ୍ପାଦନ ହେବ । ଏହା ପରେ ଚାରଫିଟା ଓ ଘୋଡା ସାରଥୀ ଲାଗିବା ପରେ ରଥଟଣା କାର୍ଯ୍ୟ ଅପରାହ୍ନ ୫ଟା

ସମୟରେ କରିବା ପାଇଁ  ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ  ସମୟ ଧାର୍ଯ୍ୟ କରାଯାଇଛି । ଭକ୍ତଙ୍କର ଭାବ ଏବଂ ଆବେଗ ସହ ଜଡିତ ଏହି ଅଭୂତପୂର୍ବ ଲୀଳା ଦେଖିବା ପାଇଁ ପୁରୀରେ ଲକ୍ଷାଧିକ ଭକ୍ତଙ୍କ ସମାଗମ ହୋଇଛି ।

ଚାରିଦିନିଆ ଓଡିଶା ଗସ୍ତରେ ଥିବା ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଆଜି ସକାଳେ ପୁରୀ ଯାଇ ରଥାରୂଢ଼ ଶ୍ରୀବିଗ୍ରହଙ୍କୁ ଦର୍ଶନ କରିବା ସହିତ ଦେବୀ ସୁଭଦ୍ରାଙ୍କ ରଥ ଟାଣିବେ। ରାଜ୍ୟପାଳ ରଘୁବର ଦାଶ ଏବଂ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝି ରଥଯାତ୍ରାରେ ସାମିଲ ହେବେ ।

ଦେଶର ବିଭିନ୍ନ ପ୍ରାନ୍ତରେ ଓ ରାଜ୍ୟରେ ଆଜି ପବିତ୍ର ରଥଯାତ୍ରା ଧାର୍ମିକ ଭାବନା ସହିତ ପାଳନ କରାଯାଉଥିବା ସମ୍ବାଦ ଆମର ହସ୍ତଗତ ହୋଇଛି ।

## ରଥଯାତ୍ରା-୨

୧୯୦୯ ମସିହା ପରେ ୧୯୭୧ ମସିହା ଏବଂ ୫୩ ବର୍ଷ ପରେ ୨୦୨୪ ମସିହାରେ ଚଳିତବର୍ଷ ଏକାସଂଗରେ ରଥଯାତ୍ରା ସହିତ ନବଯୌବନ ଦର୍ଶନ, ନେତ୍ରୋତ୍ସବ ପଡୁଥିବାରୁ, ଏହି ରଥଯାତ୍ରାକୁ ମହାପ୍ରଭୁଙ୍କର ବିରଳ ଶ୍ରୀଗୁଣ୍ଡିଚା ଯାତ୍ରା କୁହାଯାଉଛି । ଅତ୍ୟଧିକ ନୀତି ରହୁଥିବାରୁ ତିନିରଥ ଆଜି ସନ୍ଧ୍ୟା ସୁଦ୍ଧା ଶ୍ରୀଗୁଣ୍ଡିଚା ମନ୍ଦିରରେ  ପହଞ୍ଚି ନ ପାରିଲେ, ରଥ ଉପରେ ଶ୍ରୀବିଗ୍ରହମାନଙ୍କର ଅନ୍ୟାନ୍ୟ ନୀତି ସମ୍ପନ୍ନ ହେବ ବୋଲି ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ସୂଚନା ମିଳିଛି। ଚଳିତବର୍ଷ ରଥଯାତ୍ରାରେ ରଥଟଣା ଦୁଇଦିନ ହେଉଥିବାରୁ ଶ୍ରୀକ୍ଷେତ୍ର ପୁରୀରେ ଶ୍ରଦ୍ଧାଳୁଙ୍କ ସଂଖ୍ୟା ବୃଦ୍ଧି ପାଇଛି ।

# ରଥଯାତ୍ରା ସିଧାପ୍ରସାରଣ

ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ପବିତ୍ର ଘୋଷଯାତ୍ରାର ସିଧାପ୍ରସାରଣ ବିଭିନ୍ନ ବୈଦ୍ୟୁତିକ ଓ ସାମାଜିକ ଗଣମାଧ୍ୟମରେ ପ୍ରସାରଣ କରାଯିବ । ଦୂରଦର୍ଶନ ସହାୟତାରେ ସୂଚନା ଓ ଲୋକସମ୍ପର୍କ ବିଭାଗ ପକ୍ଷରୁ ରଥଯାତ୍ରାର ସିଧା ପ୍ରସାରଣ ପାଇଁ ବ୍ୟବସ୍ଥା କରାଯାଇଛି । ଆକାଶବାଣୀ ପକ୍ଷରୁ ମଧ୍ୟ ରଥଯାତ୍ରାର ସିଧାପ୍ରସାରଣ କରାଯାଉଛି ।

## ରାଷ୍ଟ୍ରପତି-ଓଡ଼ିଶା ଗସ୍ତ

ଜଣେ ବ୍ୟକ୍ତିର ସମାଜ ଓ ଦେଶ ପ୍ରତି ଅବଦାନକୁ ଆଧାର କରି ତାଙ୍କର ଖ୍ୟାତିର ମୂଲ୍ୟାଙ୍କନ କରାଯାଇଥାଏ ବୋଲି ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ କହିଛନ୍ତି । ଭୁବନେଶ୍ୱର ଜୟଦେବ ଭବନରେ ପଣ୍ଡିତ ଗୋପବନ୍ଧୁ ଦାସଙ୍କ ୯୬ତମ ଶ୍ରାଦ୍ଧବାର୍ଷିକୀରେ ଗତକାଲି ସନ୍ଧ୍ୟାରେ ଯୋଗଦେଇ ରାଷ୍ଟ୍ରପତି କହିଛନ୍ତି ଯେ ଗୋପବନ୍ଧୁଙ୍କର ଚିନ୍ତାଧାରା ଏବଂ କାର୍ଯ୍ୟ ସମସ୍ତଙ୍କୁ ପ୍ରେରଣା ଦେଉଛି । ଉତ୍କଳମଣି ଗୋପବନ୍ଧୁଙ୍କର ଉପଯୁକ୍ତ ଶିକ୍ଷା ଚିନ୍ତାଧାରାକୁ ଉପସ୍ଥାପନ କରି ରାଷ୍ଟ୍ରପତି କହିଛନ୍ତି, ଶିକ୍ଷା ବିନା କୌଣସି ସମାଜ କିମ୍ବା ରାଷ୍ଟ୍ର ପ୍ରଗତି କରିପାରିବ ନାହିଁ । ରାଷ୍ଟ୍ରପତିଙ୍କର ଓଡିଶା ଗସ୍ତ କାର୍ଯ୍ୟକ୍ରମରେ ଆସନ୍ତାକାଲି ଖଣ୍ଡଗିରି ଓ ଉଦୟଗିରି ଗୁମ୍ଫା ପରିଦର୍ଶନ ସହ ବିଭୂତି କାନୁନଗୋ କଳା ଓ ହସ୍ତଶିଳ୍ପ ମହାବିଦ୍ୟାଳୟ ଏବଂ ଉତ୍କଳ ସଂସ୍କୃତି ବିଶ୍ୱବିଦ୍ୟାଳୟ ପରିଦର୍ଶନ କରି ଛାତ୍ରଛାତ୍ରୀଙ୍କ ସହ ମତବିନିମୟ କରିବେ ।

ଓଡିଶା ଗସ୍ତର ଶେଷ ଦିନ ୯ ତାରିଖରେ ରାଷ୍ଟ୍ରପତି ଭୁବନେଶ୍ୱରର ନାଇଜର'ର ତ୍ରୟୋଦଶ ଦୀକ୍ଷାନ୍ତ ସମାରୋହରେ ଯୋଗଦେବେ।

# ରଥଯାତ୍ରା-ପରୀକ୍ଷା

ଚଳିତବର୍ଷ ଶ୍ରୀଜଗନ୍ନାଥଙ୍କର ଗୁଣ୍ଡିଚା ଯାତ୍ରା ଦୁଇଦିନ ଧରି ହେଉଥିବାରୁ ରାଜ୍ୟ ସରକାର ଆଜି ଏବଂ ଆସନ୍ତାକାଲିକୁ ସରକାରୀ ଛୁଟି ଘୋଷଣା କରାଯାଇଛି । ଆସନ୍ତାକାଲି ହେବାକୁ ଥିବା ଏକକ ସ୍ନାତକୋତ୍ତର-ପିଜି ପ୍ରବେଶିକା ପରୀକ୍ଷାକୁ ଘୁଞ୍ଚାଇ ଦିଆଯାଇଛି । ସ୍ନାତକୋତ୍ତର-ପିଜି ପରୀକ୍ଷା ଆସନ୍ତା ୧୫ତାରିଖରେ ଅନୁଷ୍ଠିତ ହେବ ବୋଲି ଓଡିଶା ଷ୍ଟାଫ ସିଲେକସନ ବୋର୍ଡ ପକ୍ଷରୁ ସୂଚନା ଦିଆଯାଇଛି।

# ଓଏସଏସି ପରୀକ୍ଷା ଫଳ

ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗରେ ୨୩୪ଜଣ ପରିସଂଖ୍ୟାନ ସହାୟକ ନିଯୁକ୍ତି ହେବେ । ଓଡିଶା କର୍ମଚାରୀ ଚୟନ ଆୟୋଗ ପକ୍ଷରୁ କରାଯାଇଥିବା ପରୀକ୍ଷାର ଫଳ ଗତକାଲି ପ୍ରକାଶ ପାଇଛି । ପରୀକ୍ଷାର୍ଥୀମାନେ ପରୀକ୍ଷା ଫଳ ସମ୍ପର୍କୀତ ତଥ୍ୟ ଓଡିଶା କର୍ମଚାରୀ ଚୟନ ଆୟୋଗଙ୍କ ୱେବସାଇଟ୍‌ରୁ ପାଇପାରିବେ ।

# ସମ୍ପୂର୍ଣ୍ଣତା ଅଭିଯାନ

ସମ୍ପୂର୍ଣ୍ଣତା ଅଭିଯାନ କାର୍ଯ୍ୟକ୍ରମରେ ରାଜ୍ୟର ବିଭିନ୍ନ ଜିଲ୍ଲାରେ ସ୍ୱାସ୍ଥ୍ୟ ପରୀକ୍ଷା, ମୃତ୍ତିକା ପରୀକ୍ଷଣ, ସାର ବଣ୍ଟନ, ମହିଳା ସ୍ୱୟଂ ସହାୟକ ଗୋଷ୍ଠିଙ୍କୁ ଆର୍ଥିକ ସହାୟତା ସହିତ ଅନେକ ଲୋକାଭିମୁଖି କାର୍ଯ୍ୟକ୍ରମମାନ ଆୟୋଜନ କରାଯାଉଛି ।

**ରାୟଗଡ଼ା** ଜିଲ୍ଲାର ମୁନିଗୁଡା ଓ ପଦ୍ମପୁର ବ୍ଲକରେ ଗତକାଲି  ଏହି କାର୍ଯ୍ୟକ୍ରମର ଶୁଭାରମ୍ଭ କରାଯାଇଛି । ସେହିଭଳି ଆକାଂକ୍ଷୀ ଜିଲ୍ଲା  **ଗଜପତି**ର ସଦର ମହକୁମା ପାରଳାଖେମୁଣ୍ଡିଠାରେ ମହାରାଜା ଉଚ୍ଚ ବିଦ୍ୟାଳୟ ପରିସରରେ ସମ୍ପୂର୍ଣ୍ଣତା ଅଭିଯାନ  ଅନ୍ତର୍ଗତ ସ୍କୁଲ ଏବଂ କଲେଜର ଛାତ୍ରଛାତ୍ରୀମାନଙ୍କୁ ନେଇ ଏକ ପ୍ରଭାତଫେରୀ ଏବଂ ମଶାଲ୍ ଶୋଭାଯାତ୍ରା ଅନୁଷ୍ଠିତ ହୋଇଯାଇଛି ।

କଳାହାଣ୍ଡି ଜିଲ୍ଲାରେ ମଧ୍ୟ ଏହି କାର୍ଯ୍ୟକ୍ରମ ଅନ୍ତର୍ଗତ  ଗର୍ଭବତୀ ମହିଳାମାନଙ୍କ ନାମ ପଞ୍ଜୀକରଣ, ପୁଷ୍ଟିକର ଖାଦ୍ୟ ଯୋଗାଣ, ଚାଷୀମାନଙ୍କର ମୃତ୍ତିକା ସ୍ୱାସ୍ଥ୍ୟକାର୍ଡ ବଣ୍ଟନ, ୯ରୁ ୧୧ମାସର ଶିଶୁଙ୍କୁ  ଟୀକାକରଣ, ପାଠ୍ୟପୁସ୍ତକ ସଠିକ୍ ସମୟରେ ଯୋଗାଣ ଓ ସ୍ୱାସ୍ଥ୍ୟ ସମ୍ପର୍କୀତ ସଚେତନତା କାର୍ଯ୍ୟକ୍ରମ କରାଯାଇଛି ।